## ବୃଦ୍ଧଙ୍କୁ ଦଳିଦେଲା ହାତୀ

**ବାଲେଶ୍ୱର ଅଫିସ:** ବାଲେଶ୍ୱର ଜିଲା ଔପଦା ରେଞ୍ଜ ଅଧୀନ ବେଡେଇ ଗ୍ରାମରେ ରବିବାର ଜଣେ ବୃଦ୍ଧଙ୍କୁ ହାତୀ ଦଳି ଦେଇଥିବା ଜଣାପଡ଼ିଛି। ମୃତକ ହେଲେ ମହେଶ୍ୱର ଦେଉରୀ (୭୦)। ମହେଶ୍ୱର ଜଙ୍ଗଲକୁ ଯାଇଥିବା ବେଳେ ହାତୀପଲ ତାଙ୍କୁ ଗୋଡ଼ାଇଥିଲେ। ହାତୀଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ଦୌଡିବା ଆରମ୍ଭ କରିଥିଲେ। କିଛିବାଟ ଦଉଡ଼ିବା ପରେ ସେ ତଳେ ପଡ଼ିଯାଇଥିଲେ। ଫଳରେ ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ିବା ସହ ଗୋଡ଼ରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଔପଦା ରେଞ୍ଜ ଓ କପ୍ତିପଦା ରେଞ୍ଜ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ମୃତଦେହକୁ ଉଦ୍ଧାର କରିଥିଲେ।

# ମାଙ୍ଗାନିଜ ଚୋରା ଚାଲାଣ ବେଳେ ଧରାପଡ଼ିଲା

**ବଡ଼ବିଲ, ୧୫।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଚୋରା ମାଙ୍ଗାନିଜ ବୋଝେଇ ଏକ ଟ୍ରକ୍ ସହ ବାଇକ୍‌କୁ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୭ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର ଅପରାହ୍ନରେ କୋର୍ଟ

## ୭ ଗିରଫ

ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗୁଜରାଟ ରାଜ୍ୟ ବେହରାମପୁରା ଗ୍ରାମର ଜଫର ଉସମାନ୍ ସେଖ୍, ବିହାର ରାଜ୍ୟ ସମସ୍ତିପୁର ଜିଲା ସସନ ଗ୍ରାମର ଦିନେଶ ସାହାଣି, ସମ୍ବଲପୁର ଜିଲା ରେଙ୍ଗାଳି ଥାନା ଅନ୍ତର୍ଗତ ଗଣେଶ ନଗର ଅଞ୍ଚଳର ସୁଜିତ କୁମାର ସାହୁ, ଯାଜପୁର ଜିଲା ଚଣ୍ଡିଖୋଲ ଅଞ୍ଚଳର ରଞ୍ଜନ ଶର୍ମା, କାଟେସାହି ଗ୍ରାମର ଅଜିତ କୁମାର ପାତ୍ର, ଚୋରମାଲଦା ଅଞ୍ଚଳର ଜୟମଙ୍ଗଲ ମୁଣ୍ଡା ଏବଂ ସାଧୁସିଂହ ହଟିଂ ଅଞ୍ଚଳର ମହମ୍ମଦ ରଫିକ୍।

ସୂଚନା ଅନୁଯାୟୀ, ଶନିବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ, ଏସଆଇ ବରଦା ସାହୁ ସଦଳବଳ ଜାତୀୟ ରାଜପଥର ଟଣ୍ଟୋ ଠାରେ ପହଞ୍ଚି ରୁଗୁଡି ଆଡୁ ଆସୁଥିବା ଟ୍ରକ୍‌କୁ ଅଟକାଇଥିଲେ। ଟ୍ରକ୍ ଅଟକାଇବା ଦେଖି ବାଇକ୍ ଛାଡି ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲାବେଳେ ପୋଲିସ ଯାଞ୍ଚ କରି ଟ୍ରକ୍‌ରେ ବୋଝେଇ ହୋଇଥିବା ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଜଣାପଡିଥିଲା। ପୋଲିସ ଘଟଣାସ୍ଥଳରୁ ପ୍ରାୟ ୨୦ ମେଟ୍ରିକ ଟନ୍ ମାଙ୍ଗାନିଜ ବୋଝେଇ ଟ୍ରକ୍ ସହ ବାଇକଟିକୁ ଜବତ କରିଥିଲା। ସେମାନଙ୍କ ନିକଟରୁ ପୋଲିସ ନଗଦ ୫୫ ହଜାର ଟଙ୍କା, ୮ଟି ମୋବାଇଲକୁ ମଧ୍ୟ ଜବତ କରିଛି। ସୁନ୍ଦରଗଡ ଜିଲା କୋଇଡ଼ା ଥାନା ମାଲଦା ଅଞ୍ଚଳରୁ ବେଆଇନ ମାଙ୍ଗାନିଜ ଉତ୍ତୋଳନ କରାଯାଇ ଛତିଶଗଡ ରାଜ୍ୟ ହଜାରିବାଗ ଅଞ୍ଚଳକୁ ଚୋରାଚାଲାଣ ହେଉଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ. ୮୬/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।


ଗିରଫ ଅଭିଯୁକ୍ତମାନେ।

# ଶ୍ରୀମନ୍ଦିରକୁ ୨୦ଲକ୍ଷ, ବିଦ୍ୟାଳୟକୁ ୧୫ଲକ୍ଷ ଦାନ

## ମହିଳାଙ୍କ ବଦାନ୍ୟତା

**ବସ୍ତା, ୧୫।୫(ଡି.ଏନ.ଏ.)**

ନିଜର ବଦାନ୍ୟତା ପାଇଁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦାନନ୍ଦପୁର ଗ୍ରାମର ସୁପ୍ରଭା ପଣ୍ଡା (୭୦) ସମଗ୍ର ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ପୁରୀ ଶ୍ରୀମନ୍ଦିରକୁ ୨୦ଲକ୍ଷ ଓ ନିଜ ଗାଁ ବିଦ୍ୟାଳୟକୁ ୧୫ ଲକ୍ଷ ଟଙ୍କା ଦାନ କରିଛନ୍ତି।

ସଦାନନ୍ଦପୁର ଗ୍ରାମର ସୁପ୍ରଭା ବାଲେଶ୍ୱରର ପଙ୍କଜକାନ୍ତ ପଣ୍ଡାଙ୍କୁ ବିବାହ କରିଥିଲେ। ପଙ୍କଜ ଓଡ଼ିଶା ସରକାରଙ୍କ ସେଲ୍‌ଟ୍ୟାକ୍ସ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ନିଜର ସନ୍ତାନସନ୍ତତି ନ ଥିବାରୁ ପଙ୍କଜ କିଛି ସମ୍ପତ୍ତି ଦାନ କରିବାକୁ ଇଚ୍ଛା ରଖିଥିଲେ। ୨୦୨୧ରେ କ୍ୟାନସରରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଏହି ଇଚ୍ଛାକୁ ପୂରଣ କରିବା ଲକ୍ଷ୍ୟରେ କୋଭିଡ୍ ଗାଇଡ୍‌ଲାଇନ୍ କୋହଳ ହେବା ପରେ ସୁପ୍ରଭା କଟକରେ ଥିବା ଏକ ଜମିକୁ ବିକ୍ରି କରି ୨୦ଲକ୍ଷ ଟଙ୍କା ପୁରୀ ଶ୍ରୀମନ୍ଦିର ବଡ଼ ଠାକୁରଙ୍କୁ ଦାନ କରିଛନ୍ତି। ଏହି ସମୟରେ ତାଙ୍କର ଭାଉଜ ଗୀତାରାଣୀ ଶତପଥି ଏବଂ ପୁତୁରା ଚିନ୍ମୟ କୁମାର ଶତପଥି ଉପସ୍ଥିତ ଥିଲେ। କିଛିଦିନ ପୂର୍ବରୁ ବସ୍ତା ସ୍ଥିତ ଶମ୍ଭୁନାଥ ସରକାରୀ ବିଦ୍ୟାଳୟକୁ ସୁପ୍ରଭା ୧୫ଲକ୍ଷ ଟଙ୍କା ଦାନ କରିଥିଲେ। ସ୍ୱାମୀଙ୍କ ଶେଷ ଇଚ୍ଛା ପୂରଣ କରିପାରିଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି।


ସୁପ୍ରଭା ଶ୍ରୀମନ୍ଦିରକୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ଗୁଣିଆ ଗିରଫ

ଚାନ୍ଦବାଲି, ୧୫।୫ (ଡି.ଏନ.ଏ.)
ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଞ୍ଚଳରେ ତନ୍ତ୍ରମନ୍ତ୍ର ବାହାନାରେ ଜଣେ ମହିଳାଙ୍କୁ ଅସଦାଚରଣ କରି ଗୁଣିଆ ଗିରଫ ହୋଇଛନ୍ତି। ସେ ହେଲେ ବାରାକୋଲ୍ଲା ଗାଁର ସାଧୁଆ ଜେନା। ଏନେଇ ମହିଳାଙ୍କ ଏତଲା କ୍ରମେ ବାଂଶଡ଼ା ଥାନାରେ ମାମଲା (ନଂ.୧୭୧/୨୨) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ମହିଳାଙ୍କ ଦେହ ଅସୁସ୍ଥ ଥିଲା। ତାଙ୍କ ସ୍ୱାମୀ ଗୁଣିଆ ସାଧୁଆଙ୍କ ସହ ଆଲୋଚନା କରିଥିଲେ। ଶନିବାର ପୂର୍ବାହ୍ନରେ ମହିଳା ଜଣଙ୍କ ଗାଧୋଇ ଠାକୁର ଘରେ ରହିବାକୁ ସେ ପରାମର୍ଶ ଦେଇଥିଲେ। ସାଧୁଆ ପୂଜାପାଠ ଆଳରେ ତାଙ୍କୁ ଅସଦାଚରଣ କରିଥିଲେ। ଏକଥା କାହାରିକୁ ନ କହିବାକୁ ସେ ଧମକ ଦେଇଥିଲେ। ମହିଳା ଜଣଙ୍କ କାନ୍ଦୁଥିବାର ଶୁଣି ତାଙ୍କ ସ୍ୱାମୀ ଦୌଡ଼ି ଆସିବାରୁ ସାଧୁଆ ଖସି ପଳାଇଥିଲେ। ରବିବାର ମହିଳାଙ୍କ ଡାକ୍ତରୀମାଇନା କରାଯିବା ସହ ଗିରଫ ଅଭିଯୁକ୍ତ ସାଧୁଆଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ବସ୍ ଅଟକାଇ ଠିକାଦାରଙ୍କଠୁ ଲୁଟ୍

ରୂପ୍‌ସା/ବସ୍ତା, ୧୫।୫(ଡି.ଏନ.ଏ./ସ୍ୱ.ପ୍ର.)- ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଗାନ୍ଧିଛକଠାରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଶନିବାର ରାତିରେ ଏକ ବସ୍‌କୁ ଦୁର୍ବୃତ୍ତମାନେ ଅଟକାଇ ସେଥିରେ ଥିବା ଜଣେ ଶ୍ରମିକ ଠିକାଦାରଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ରବିବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କମର୍ଦ୍ଦା ଅଞ୍ଚଳରୁ ଶ୍ରମିକ ଠିକାଦାର ଚନ୍ଦନ ପାଲ କେତେକ ଶ୍ରମିକଙ୍କୁ ନେଇ ହାଇଦ୍ରାବାଦ ଯାଉଥିଲେ। ଜଳେଶ୍ୱର ଥାନା ବାଇଗଣବାଡ଼ିଆ ଅଞ୍ଚଳର ଜଣେ ଯୁବକ ଗାନ୍ଧିଛକଠାରେ ବସ୍‌କୁ ଅଟକାଇଥିଲେ। ଠିକାଦାରଙ୍କ ସମ୍ପର୍କୀୟ ବୋଲି ସେ ପରିଚୟ ଦେଇଥିଲେ। ତାଙ୍କ ନିକଟରେ ଥିବା ଜଣେ ଶ୍ରମିକଙ୍କୁ ନେବା ପାଇଁ ଠିକାଦାରଙ୍କୁ କହି ବସ୍ ପଛପଟକୁ ଡାକିଥିଲେ। ଠିକାଦାର ଜଣଙ୍କ ବସ୍ ପଛକୁ ଯିବା ପରେ ସେଠାରେ ୪ଜଣ ଦୁର୍ବୃତ୍ତ ଚନ୍ଦନ ପାଲଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ତାଙ୍କୁ ବାଇକ୍‌ରେ ଏକ ନିଛାଟିଆ ସ୍ଥାନକୁ ନେଇ ଠିକାଦାର ପିନ୍ଧିଥିବା ସୁନାହାର ଓ ୫ଟି ସୁନାମୁଦି ଜବରଦସ୍ତ ଲୁଟ୍ କରି ଚମ୍ପଟ ମାରିଥିଲେ। ଖବରପାଇ ବସ୍ତା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏଯାବତ୍ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳି ନ ଥିବା ଜଣାପଡ଼ିଛି।

### ସରପଞ୍ଚଙ୍କୁ ଜିଆର୍‌ଏସ୍‌ଙ୍କ ମାଡ଼ ଅଭିଯୋଗ

ଭଦ୍ରକ ଅଫିସ, ୧୫।୫-ଭଦ୍ରକ ସଦର ବ୍ଲକ ବାଣିତିଆ ପଞ୍ଚାୟତର ସରପଞ୍ଚଙ୍କୁ ଶନିବାର ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ) ମାଡ଼ ମାରିଥିବା ନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ଜିଆର୍‌ଏସ୍ ସହଯୋଗ ନ କରିବା, ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ କରି ତାଙ୍କୁ ବଦଳି ପାଇଁ ସରପଞ୍ଚ ଦାମୋଦର ମହଲା ବିଡିଓ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏନେଇ ପୂର୍ବରୁ ସରପଞ୍ଚ ଓ ଜିଆର୍‌ଏସ୍‌ଙ୍କ ମଧ୍ୟରେ ବିବାଦ ଲାଗି ଥାନା ପର୍ଯ୍ୟନ୍ତ କଥା ଯାଇଥିଲା। ଶନିବାର ସମାଧାନ ପାଇଁ ସରପଞ୍ଚ ଗ୍ରାମାଞ୍ଚଳ ଥାନାକୁ ଆସୁଥିବା ବେଳେ ରାସ୍ତାରେ ଅଟକାଇ ଜିଆର୍‌ଏସ୍ ତାଙ୍କୁ ମାଡ଼ ମାରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି।

# ଗୋମାତା ସୁରକ୍ଷା ପାଇଁ ଭାରତ ପରିଭ୍ରମଣ

## ବସ୍ତାରେ ପହଞ୍ଚିଲେ ଇଞ୍ଜିନିୟର ଶିବରାଜ

**ବସ୍ତା, ୧୫।୫(ଡି.ଏନ.ଏ.)**



ଗୋମାତାଙ୍କ ସୁରକ୍ଷା ତଥା ଗୋହତ୍ୟା ବନ୍ଦ ପାଇଁ ଜଣେ ଇଞ୍ଜିନିୟର ସଚେତନତା ପଦଯାତ୍ରାରେ ସାରା ଭାରତ ଭ୍ରମଣ କରିବା ଅବସରରେ ଚାଲି ଚାଲି ରବିବାର ସନ୍ଧ୍ୟାରେ ବସ୍ତାରେ ପହଞ୍ଚିଛନ୍ତି। ରାଜସ୍ଥାନର ଜୟପୁର ନିବାସୀ ଶିବରାଜ ସିଂ ଶେଖାୱତ ୨୦୨୧ ଡିସେମ୍ବର ୨୧ ତାରିଖରୁ ରାମେଶ୍ୱରରୁ ବାହାରିଛନ୍ତି। ଦୀର୍ଘଦିନ ଧରି ପଦଯାତ୍ରା କରି ହିନ୍ଦୁମାନଙ୍କୁ ଗୋମାତାର ସୁରକ୍ଷା ବିଷୟରେ ସଚେତନତାର ବାର୍ତ୍ତା ପହଞ୍ଚାଉଛନ୍ତି। ସେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଛତିଶଗଡ ପଦଯାତ୍ରା ଶେଷ କରି ଓଡିଶାରେ ପହଞ୍ଚିଛନ୍ତି । ସେ ତାଙ୍କର ଏହି କଷ୍ଟକର ପଦାଯାତ୍ରା ସମୟରେ ଏକାକୀ ବିଭିନ୍ନ ସଙ୍ଗଠନ ତଥା ବ୍ୟକ୍ତିବିଶେଷଙ୍କୁ ତାଙ୍କର ଅଭିପ୍ରାୟ ବିଷୟରେ ଅବଗତ କରିଛନ୍ତି। ଗୋମାତଙ୍କ ସୁରକ୍ଷା ଦିଗରେ ସଭିଏଁ ସଚେତନ ରହିବା ସହ ସରକାର ମଧ୍ୟ ଏ ଦିଗରେ ଆଇନ ପ୍ରଣୟନ କରି ଗୋହତ୍ୟା ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ସ୍ଥାନରେ ଗୋଶାଳା ଖୋଲାଯିବା ତଥା ବିଭିନ୍ନ ଗୋଚର ଜମିରେ ସରକାରଙ୍କ ତରଫରୁ ଗୋରୁମାନଙ୍କ ରହିବା ପାଇଁ ବନ୍ଦୋବସ୍ତ କରିବା ଜରୁରୀ ବୋଲି ଜଣାଇଛନ୍ତି । ପ୍ରତ୍ୟେକ ଦିନ ସେ ପ୍ରାୟ ୨୦ରୁ ୩୦ କି.ମି. ପର୍ଯ୍ୟନ୍ତ ଚାଲି ଚାଲି ଯାଇଥାଆନ୍ତି ।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**କୁଆମରା ୧୫।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଶାଶୁ ଘର ଲୋକେ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ୨୦୧୨ ମସିହାରେ ରଶ୍ମିତାଙ୍କର ପଧାନ ସରେନଙ୍କ ସହ ବିବାହ ହୋଇଥିଲା। ତେବେ ବିବାହର କିଛି ବର୍ଷ ଉଭୟଙ୍କ ସଂସାର ଠିକ୍ ଚାଲିଥିବା ବେଳେ ପରବର୍ତ୍ତୀ ସମୟରେ ଛୋଟ ଛୋଟ କଥାକୁ ନେଇ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ରଶ୍ମିତା ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୨୦/୨୨) ରୁଜୁ ହୋଇଛି।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ୩ ଆହତ

**କେନ୍ଦୁଝର, ୧୫।୫(ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ନିକଟରେ ନରଣପୁର - ହରିଚନ୍ଦନପୁର ରାସ୍ତାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ମୃତକଙ୍କ ନାମ ମଙ୍ଗଲୁ ନାୟକ। ତାଙ୍କ ଘର ନରଣପୁର ଗ୍ରାମରେ ବୋଲି ଜଣା ପଡିଛି। ଏନେଇ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ସମସ୍ତ ଆହତ ମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଶିଶୁଙ୍କ ନାମ ରୁଦ୍ର ପ୍ରତାପ ମହାନ୍ତ। ସେ ତାଙ୍କ ମା' ରଶ୍ମିତା ମହାନ୍ତ ଓ ତାଙ୍କ ଅନ୍ୟ ଜଣେ ସମ୍ପର୍କୀୟଙ୍କ ସହିତ ବାଇକ୍‌ରେ କେନ୍ଦୁଝରରୁ ବଲାଣିପଶି ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ପ୍ରଥମେ ଚାଲି ଚାଲି ଯାଉଥିବା ମଙ୍ଗଲୁଙ୍କୁ ଚାପି ଦେଇ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଟ୍ରାକ୍ଟର ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା କୁହାଯାଉଛି। ଉକ୍ତ ଟ୍ରାକ୍ଟର ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ରାସ୍ତାରୋକୋ କରି ଆନ୍ଦୋଳନରେ ବସିଥିବାରୁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

# ମହାନାଳ ସଫେଇ କାର୍ଯ୍ୟ ତଦାରଖ କଲେ ବିଧାୟକ

**ବାଲେଶ୍ୱର ଅଫିସ, ୧୫।୫**

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୯, ୧୫, ୧୬, ୧୯, ୨୫, ୨୬ ଏବଂ ୨୭ ନମ୍ବର ୱାର୍ଡ ଦେଇ ଯାଇଥିବା ବିଭିନ୍ନ ମହାନାଳ ସଫେଇ କାର୍ଯ୍ୟକୁ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତଦାରଖ କରିଛନ୍ତି। ଚଳିତବର୍ଷ ମୌସୁମୀ ବର୍ଷା ପୂର୍ବରୁ ସମସ୍ତ ମହାନାଳ ସଫେଇ କାର୍ଯ୍ୟ କିପରି ସରିବ ଏବଂ ନାଳଗୁଡ଼ିକ କିପରି ଭାବେ ପରିଷ୍କାର, ପରିଚ୍ଛନ୍ନ ରହିବ ତାହା ସ୍ଥାନୀୟ ଅଞ୍ଚଳବାସୀ, ସ୍ଥାନୀୟ ନେତୃତ୍ୱ, ୱାର୍ଡର ଲୋକ ପ୍ରତିନିଧି ଏବଂ ମ୍ୟୁନିସିପାଲିଟି ଇଞ୍ଜିନିୟର ସମେତ ଯନ୍ତ୍ରୀଙ୍କ ସହ ଅଞ୍ଚଳ ବୁଲି ଦେଖିଛନ୍ତି। କାର୍ଯ୍ୟକ୍ରମରେ ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ସତ୍ୟ ରଞ୍ଜନ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ୱାର୍ଡ କାଉନସିଲର ପଦ୍ମଲୋଚନ ଲେଙ୍କା, ଶେଖ ଆୟୁବ, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ସଞ୍ଜୀବ ଦାସ, ଯୁବନେତା ସପନ କୁମାର ଖିଲାର, ଉତ୍ତମ ଜେନା, ମଦନ ଜେନାଙ୍କ ସମେତ ଦଳୀୟ ନେତୃତ୍ୱ ଏବଂ ସ୍ଥାନୀୟ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଅଣ୍ଟିଆ ଓଡ଼ିଶା ଆଜି ଉତ୍ପାଦନରେ ବଳକା ରାଜ୍ୟ

## ଜିଲାସ୍ତରୀୟ କୃଷି ମେଳା ଉଦ୍‌ଘାଟିତ

**ଖଇରା, ୧୫।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମେଳା ପଡିଆରେ ସିମୁଳିଆ କୃଷି ଜିଲାସ୍ତରୀୟ କୃଷିମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଜ୍ୟରେ ଚାଷ ଓ ଚାଷୀ ପ୍ରସଙ୍ଗରେ ୨୨ବର୍ଷ ମଧ୍ୟରେ ହୋଇଥିବା ବୈପ୍ଲବିକ ପରିବର୍ତ୍ତନ ଉପରେ ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରଦାନ କରିଥିଲେ। ଯେଉଁ ଓଡିଶା ଦିନେ ଚାଉଳ ତଥା ଖାଦ୍ୟରେ ନିଅଣ୍ଟିଆ ପରିସ୍ଥିତି ଲାଗି ରହୁଥିଲା ଆଜି ୨୦ବର୍ଷ ମଧ୍ୟରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ବଳକା ଚାଉଳ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି। କନ୍ଦମୂଳ, କଖାରୁ, ଲେମ୍ବୁ ଉତ୍ପାଦନରେ ପ୍ରଥମ, ବାଇଗଣ ଉତ୍ପାଦନରେ ଦ୍ୱିତୀୟ, ମାଛରେ ୪ର୍ଥ ସ୍ଥାନ ଅଧିକାର କରିଛି । ମୁଖ୍ୟମନ୍ତ୍ରୀଙ୍କ କୃଷି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ତଥା ସ୍ୱତନ୍ତ୍ର କୃଷି ବଜେଟର ବ୍ୟବସ୍ଥା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଉଲ୍ଲେଖ କରିଥିଲେ । ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ଅରବିନ୍ଦ ଦାସ, ବରିଷ୍ଠ ବୈଜ୍ଞାନିକ ଡଃ ଉମାଶଙ୍କର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ରାସାୟନିକ ସାର ପ୍ରୟୋଗ କରି ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ କମ୍ ଜମିରେ କିଭଳି ଅଧିକ ଉତ୍ପାଦନ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ସହ ରଷ୍ଟ୍ରୀୟ କୃଷି ବିକାଶ, ବଳରାମ ଭଳି ବିଭିନ୍ନ କୃଷିଭିତ୍ତିକ ଯୋଜନାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ପୁଷ୍ପଲତା ଘଡେଇ, ସମିତିସଭ୍ୟ ରଞ୍ଜନ ରାଉତ, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସିମୁଳିଆ କୃଷି ଜିଲା ଅଧିକାରୀ ଦିଲୀପ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ଖଇରା ବ୍ଲକ କୃଷି ଅଧିକାରୀ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚାଷରେ ଉଲ୍ଲେଖନୀୟ ସଫଳତା ପାଇଁ ଭାସ୍କର ଚନ୍ଦ୍ର ମହାରଣା, ଅଜୟ କୁମାର ସାହୁ, ମା' ସିଂହ ବାହିନୀ ମହିଳା ଗୋଷ୍ଠୀ, ମଧୁସୂଦନ ପ୍ରଧାନ, ବିଶ୍ୱନାଥ ସେଣ୍ଠ, ଗୌତମ ପ୍ରଧାନ, ଗଜେନ୍ଦ୍ର ବେହେରା, ସୀତାରାମ ନାୟକ, ବିମଳ କୁମାର ଲେଙ୍କା ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଥମେ ମନ୍ତ୍ରୀ ୨ଟି କୃଷି ରଥର ଶୁଭାରମ୍ଭ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।






## ଓଲଟିଲା ଓମ୍‌ଫେଡ୍ କଣ୍ଟେନର୍

ବୈଶିଙ୍ଗା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଡ଼ସାହି ରାସ୍ତାର କ୍ଷିରିପଦା ଛକ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଓମଫେଡ କ୍ଷୀର ନେଉଥିବା ଏକ କଣ୍ଟେନର୍ ଓଲଟି ପଡ଼ିଥିଲା। କାର୍ ସହ ବିପରୀତ କ୍ଷୀର କଣ୍ଟେନର୍ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଗ୍ରାମବାସୀ ପହଞ୍ଚି ଉଭୟ ଗାଡ଼ି ମଧ୍ୟରେ ଚାପି ହୋଇ ରହିଥିବା ଡ୍ରାଇଭର ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ ଏବଂ ସେମାନଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଥାନାକୁ ନେଇ ଆସିଛି।

# ବିଲୁପ୍ତି ପଥେ କେନ୍ଦୁଝରର ଛଉ ନୃତ୍ୟ

ଦୀପକ ମିଶ୍ର
କେନ୍ଦୁଝର, ୧୫।୫

କେନ୍ଦୁଝର ଜିଲାରେ ପ୍ରସିଦ୍ଧ ପ୍ରାଚୀନ ଛଉନୃତ୍ୟ ପ୍ରୋତ୍ସାହନ ଅଭାବରୁ ରୁଗ୍‌ଣ ହୋଇପଡିଛି। ଖଣି ଓ ଶିଳ୍ପର ପ୍ରାଚୁର୍ଯ୍ୟ ମଧ୍ୟରେ ଏହି ପ୍ରାଚୀନ କଳା ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଛି। ପାଉଥିବା ପାଉଣା ହେଉ ବା ମୁହଁରେ ପାଉଡର ମାରି ଅଭିନୟର ସରାଗକୁ ପୋଛି ନେଇଛି କରୋନା। ଛଉନୃତ୍ୟ ମୟୂରଭଞ୍ଜ ଭଳି କେନ୍ଦୁଝରରେ ବହୁବର୍ଷ ଧରି ଚାଲିଆସୁଥିଲେ ହେଁ ପ୍ରୋତ୍ସାହନ ଓ ପ୍ରସାରଣ ଅଭାବରୁ ଏହା ସେଭଳି ନାଁ କରିପାରୁ ନାହିଁ। ତେବେ ଅସନପାଟର ଛଉନୃତ୍ୟ ପାଇଁ କେନ୍ଦୁଝର ଜିଲା ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଜିଲା ପ୍ରଶାସନ ଉକ୍ତ ଛଉଗ୍ରାମ ଅସନପାଟ ଏବଂ ଏହି ଗ୍ରାମର ଛଉକଳା ଓ କଳାକାରର ବିକାଶ ପାଇଁ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ।

କେନ୍ଦୁଝର ଜିଲାର 'ଛଉଗ୍ରାମ' ଭାବେ ପରଚିତ ଝୁମ୍ପୁରା ବ୍ଲକର ଅସନପାଟ ଗ୍ରାମରେ ରହିଛି ୬ଟି ସାହି। ଲକ୍ଷ୍ମୀ ନାରାୟଣ ଛଉନାଟ୍ୟ ସଂଘ, ଶିବ ତାଣ୍ଡବ ନାଟ୍ୟ ସଂଘ, କେଦାରଗୌରୀ ନାଟ୍ୟ ସଂଘ, ହରପାର୍ବତୀ ନାଟ୍ୟ ସଂଘ, ଦୁର୍ଗତିନାଶିନୀ ଆଦି ୬ଟି ସଂଘ ବା ଗ୍ରୁପ ରହିଛି। ପ୍ରତ୍ୟେକ ଗ୍ରୁପରେ ପାଖାପାଖି ୨୦ ଜଣ କଳାକାର ଅଛନ୍ତି। ଏହି ନୃତ୍ୟ ଦଳମାନେ ସ୍ୱର୍ଣ୍ଣପଦ୍ମା ବସ୍ତ୍ରହରଣ, କିରାତ ଅର୍ଜ୍ଜୁନ, ଛଦ୍ମବେଶୀ, ଦଶଅବତାର, କାଞ୍ଚି ଅଭିଯାନ, ବଂଶୀ ଚୋରି, ଗରୁଡ ବାହନ ଓ କାଳି ରକ୍ତ ଆଦି ବହୁ ପୌରାଣିକ ବିଷୟ ଉପରେ ଆଧାରିତ ଛଉନୃତ୍ୟ କରିଥାନ୍ତି। ପ୍ରତ୍ୟେକ ସାହିରେ ଏକ ସ୍ଥାୟୀ ପେଣ୍ଡାଲ ରହିଛି। ପ୍ରତିବର୍ଷ ପଣାସଂକ୍ରାନ୍ତି ସମୟରେ ଗ୍ରାମର ଆରାଧ୍ୟ ଦେବୀ ମା' ବାସୁଳୀଙ୍କ ପୀଠରେ ଏହି ଦଳଗୁଡିକ ପୂଜାପାଠ କରିଥାନ୍ତି। ଉକ୍ତଦିନ ଛଉଦଳର କଳାକାରମାନେ ରଙ୍ଗବେରଙ୍ଗ ପୋଷାକରେ ସଜ୍ଜିତ ହୋଇ ପାରମ୍ପରିକ ଛଉନୃତ୍ୟର ଶୁଭାରମ୍ଭ କରିଥାନ୍ତି ଏବଂ ଏହା ରାତିତମାମ ଚାଲିଥାଏ। ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ରୁଣ୍ଡ ହୋଇ ଏହି ନୃତ୍ୟ ଉପଭୋଗ କରିଥାନ୍ତି। ମାତ୍ର କରୋନା ପାଇଁ ଗତ ଦୁଇବର୍ଷ ହେବ ଏହା ବନ୍ଦ ହୋଇ ରହିଛି । ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ ପରି। ସହାୟତା ଓ ପ୍ରୋତ୍ସାହନ ପାଇବା ଆଶାରେ ଦଳଗୁଡିକ ପଞ୍ଜୀକୃତ କରାଯାଇଥିଲେ ହେଁ ସେମାନଙ୍କ କଳା ପ୍ରଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ସହାୟତା ମିଳୁ ନଥିବାରୁ ଛଉ କଳାକାରମାନେ ଆଗଭଳି ଆଉ ଏଥିପ୍ରତି ମନ ବଳାଉନାହାନ୍ତି। ତେଲଲୁଣ ସଂସାର ଭିତରେ ରହି ଏହାର କଳାକାରମାନେ ଏହି କଳାକୁ ବଞ୍ଚାଇ ରଖିବାକୁ ସମର୍ଥ ହେଉ ନାହାନ୍ତି। ନୃତ୍ୟମଣ୍ଡପ ବା ପେଣ୍ଡାଲ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଗଲାଣି। ଅର୍ଥାଭାବରୁ କଳାକାରମାନେ ସଜ୍ଜିତ ହେବାକୁ ରଙ୍ଗ କିମ୍ବା ରଙ୍ଗବେରଙ୍ଗ ପୋଷାକ କିଣିପାରୁ ନାହାନ୍ତି।

### ପ୍ରୋତ୍ସାହନର ଅଭାବ ସାଜିଛି ବାଧକ

ଜିଲାରେ ପାଣ୍ଠିର ଅଭାବ ନାହିଁ କିନ୍ତୁ ଆନ୍ତରିକତାର ଅଭାବ ଯୋଗୁ ଏହି କଳାର ବିକାଶ ହୋଇପାରୁନାହିଁ। ଏଣୁ ବଡବଡ ଶିଳ୍ପସଂସ୍ଥା ଏହି ଛଉଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସର୍ବାଙ୍ଗୀନ ବିକାଶ ସାଙ୍ଗକୁ ଛଉକଳାର ବିକାଶ ଦିଗରେ ପଦକ୍ଷେପ ନେଲେ ଲୋପ ପାଇବାକୁ ବସିଥିବା ଏହି ପ୍ରାଚୀନ କଳାସଂସ୍କୃତି ସୁରକ୍ଷିତ ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଏହି ପ୍ରାଚୀନ କଳା ଏବେ ଲୋପ ପାଇବାକୁ ବସିଛି। ଏପରି କି ଯୁବପିଢି ଆଉ ଏକ ପ୍ରାଚୀନ କଳାକୁ ଆଦରିବାକୁ ପସନ୍ଦ କରୁନାହାନ୍ତି ବୋଲି ଗ୍ରାମର ବିରଞ୍ଚି ନାଏକ କୁହନ୍ତି। ଉକ୍ତ ଛଉନୃତ୍ୟରେ ନିଜର ମୂଲ୍ୟବାନ ସମୟ ଦାନ କରିଥିବା ବହୁ ପୁରୁଣା କଳାକାର, ନୃତ୍ୟଗୁରୁମାନେ ଏବେ ଦାରିଦ୍ର୍ୟତା ମଧ୍ୟରେ ରହୁଥିଲେ ହେଁ ସେମାନଙ୍କ ପାଇଁ ଏଯାଏ ଭତ୍ତା ବ୍ୟବସ୍ଥା ହୋଇପାରିନାହିଁ। ଏଣୁ ସରକାର ଚାହିଁଲେ ଏହି କଳା ଓ କଳାକାରଙ୍କ ସୁରକ୍ଷା କରାଯାଇ ପାରିବ ବୋଲି ସୁରେନ୍ଦ୍ର ବାରିକ କହିଛନ୍ତି।

## ସଂକ୍ଷେପରେ

### ଟୋଲଗେଟ ଫାଟକ ଭାଙ୍ଗି ଗୋରୁ ବୋଝେଇ ପିକ୍‌ଅପ୍ ଫେରାର

ପାଟଣା,୧୫।୫(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇ ଟାଙ୍ଗିରି ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ କଲିକତା ଜାତୀୟ ରାଜପଥ ନିକଟରେ ଥିବା ଟୋଲଗେଟର ଫାଟକ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ (ଭୋର ୫ ଟା)ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଫେରାର ହୋଇଯାଇଛି। ପିକ୍‌ଅପ୍‌ରେ ଗୋରୁ ଚାଲାଣ ହେଉଥିବା ବେଳେ ବଜରଙ୍ଗ ଦଳର ସଦସ୍ୟ ମାନେ ଗାଡିକୁ ଧରିବା ପାଇଁ ପିଛା କରିଥିଲେ ହେଁ ଧରିପାରି ନାହାନ୍ତି। ଏଥିରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଟୋଲଗେଟ କ୍ୟାସ କାଉଣ୍ଟରରେ ବସିଥିବା କର୍ମଚାରୀ ମାନେ। ଖବରପାଇ ତୁରୁମୁଙ୍ଗା ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ତେଣେ ଟୋଲ ଗେଟ କର୍ତ୍ତୃପକ୍ଷଙ୍କ ତରଫରୁ ଏନେଇ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା (ନଂ.୭୩ /୨୨) ରୁଜୁ କରିଛି।

### ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

ବାରିପଦା ଅଫିସ,୧୫।୫-ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଗମ୍ଭାରିଆ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ବୁଢାବଳଙ୍ଗ ନଦୀରୁ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ବାୟା ଦାସ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ ବୁଢାବଳଙ୍ଗ ନଦୀକୁ ମାଛ ଧରିବାକୁ ଯାଇ ସେ ନିଖୋଜ ହୋଇଯାଇଥିଲେ । ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା । ରବିବାର ସକାଳେ ତାଙ୍କର ମୃତ ଦେହ ତେନ୍ତଲ ପୋଲ ନିକଟରୁ ଉଦ୍ଧାର କରାଯାଇଛି।

### ଚାରିଗଡ଼ -ବାଇଶପଲ୍ଲୀ ମହୋତ୍ସବ

ତେଲକୋଇ, ୧୫।୫(ଡି.ଏନ.ଏ.): କେନ୍ଦୁଝର ଜିଲାର ତେଲକୋଇ ଚାରିଗଡ ମହାବିଦ୍ୟାଳୟ ଖେଳ ପଡିଆରେ ଶନିବାର ଠାରୁ ୨ ଦିନିଆ ଚାରିଗଡ -ବାଇଶପଲ୍ଲୀ ମହୋତ୍ସବର ଉଦ୍‌ଘାଟନ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦକ୍ଷତା ବିକାଶ ଓ ବୈଶୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ରହିଥିବା ବେଳେ ଅଧକ୍ଷ ଭାବେ କୈଳାସ ଚନ୍ଦ୍ର ନାୟକ ଉପସ୍ଥିତ ରହି ଉଦଘାଟନୀ ଉତ୍ସବର ଶୁଭାରମ୍ଭ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହି ଆଦିବାସୀ ଅଞ୍ଚଳରେ ଯୁଆଙ୍ଗ ଜନଜାତିଙ୍କ ଚାଙ୍ଗୁନାଚ, କୋହ୍ଲ ସଂପ୍ରଦାୟର ମାଦଳ ନାଚ ଓ କୁଡମୀ ସଂପ୍ରଦାୟର ଝୁମର ନାଚକୁ ସାମିଲ କରାଯାଇନଥିବା ଯୋଗୁଁ ଉକ୍ତ ସଂପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

### ଭିଜିଲାନ୍ସ କୋର୍ଟରେ ନୂତନ ସରକାରୀ ଓକିଲ

ବାରିପଦା ଅଫିସ,୧୫।୫-ମୟୂରଭଞ୍ଜ ଜିଲା ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭାବେ ବରିଷ୍ଠ ଓକିଲ ଶାନ୍ତନୁ କୁମାର ଦାସ ନିଯୁକ୍ତ ହୋଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ଘରୋଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପୂର୍ବରୁ ଦାସ ବିଭିନ୍ନ କୋର୍ଟରେ ଦୀର୍ଘ ବର୍ଷ ଧରି ଓକିଲାତି କରିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟ ଚୋରି ବେଳେ ୩ ଲୁଟେରାଙ୍କୁ କାବୁ କଲା ପୋଲିସ୍

ଉଦଳା, ୧୫।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ମଉଦା ଅଞ୍ଚଳରେ ଗତ ଶନିବାର କେତେଜଣ ଲୁଟେରା ବିଦ୍ୟୁତ୍ ଖୁଣ୍ଟ ଚୋରି କରୁଥିଲେ। ବିଲ ଭିତରେ ଉକ୍ତ ଖୁଣ୍ଟ ଥିବା ବେଳେ ତାହାକୁ ଗ୍ୟାସ୍ କଟରରେ କାଟି ଏକ ଟାଟା ଏସିଇ ଗାଡିରେ ଲୋଡ କରି ସାରିଥିଲେ। ହେଲେ ପୋଲିସ୍ କୌଣସି ସୂତ୍ରରୁ ଖବରପାଇ ସେଠାରେ ପହଞ୍ଚିବାପରେ ଘଟଣାସ୍ଥଳରୁ ୩ଜଣଙ୍କୁ ଧରିଥିବାବେଳେ ଅନ୍ୟ ୩ଜଣ ଖସି ପଳାଇଛନ୍ତି। ପୋଲିସ୍ ୩ ଲୁଟେରାଙ୍କୁ ଗିରଫ କରିବା ସହିତ ଲୁଟରେ ବ୍ୟବହୃତ ହୋଇଥିବା ଗ୍ୟାସ୍ ଟାଙ୍କି, କଟର ମେଶିନ୍ ସମେତ କଟା ଯାଇଥିବା ବିଦ୍ୟୁତ୍ ଖୁଂଟ ଏବଂ ଗାଡିକୁ ଜବତ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ବିଜୟ କୁମାର ମଲ୍ଲିକ, ରତିକାନ୍ତ ପୃଷ୍ଟି, କାର୍ତ୍ତିକ ଚନ୍ଦ୍ର ବେହେରା। ପୋଲିସ ଅନ୍ୟ ଲୁଟେରାଙ୍କୁ ଗିରଫ କରିବାପାଇଁ ତଦନ୍ତ ଜାରି ରଖିଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ବିଧାୟକ

ବାଲେଶ୍ୱର ଅଫିସ, ୧୫।୫

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୩ ଓ ୫ ନଂ. ୱାର୍ଡ ବୁଲି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଏବଂ ସମସ୍ୟା ସମ୍ପର୍କରେ ବୁଝିଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। ପୋଲିସ ଲାଇନ ଛକ ନିକଟରେ ବାଲେଶ୍ୱର ପୌରପାଳିକା ତରଫରୁ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା 'ଆଇ ଲଭ ବାଲେଶ୍ୱର' ପଏଣ୍ଟ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି ବିଧାୟକ ଦାସ।

ରବିବାର ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ବିଧାୟକ ଦାସ ସୁନହଟର ଡିଗରହଣିଆ ମଶାଣି ବୁଲି ନୂତନ ରାସ୍ତା ନିର୍ମାଣ ସହ ଉନ୍ନତୀକରଣ ଏବଂ ପୋଖରୀ ପୁନରୁଦ୍ଧାର ପାଇଁ ଅଞ୍ଚଳ ବୁଲି ଦେଖିଛନ୍ତି। ସେହିପରି ସେଠାରେ ଥିବା ଟିପିଏନଓଡ଼ିଏଲ ବିଭାଗର ଇଲେକ୍ଟ୍ରି ଷ୍ଟ୍ରକଚରକୁ ଭଲ ରାସ୍ତା ନ ଥିବାରୁ ଆଗାମୀ ମୌସୁମୀ ବର୍ଷା ସମୟରେ ବିଦ୍ୟୁତ୍ ସରବରାହକୁ ଅବ୍ୟାହତ ରଖିବା ସହ ଷ୍ଟ୍ରକଚରରେ କିଛି ଅସୁବିଧା ହେଲେ କିପରି ଭାବେ ସେଠାରେ ଯଥାଶୀଘ୍ର ପହଞ୍ଚିହେବ ସେଥିପାଇଁ ବିଦ୍ୟୁତ୍ ବିଭାଗର ଏସଡିଓ ଏବଂ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଆସନ୍ତା ମୌସୁମୀ ବର୍ଷାକୁ ଆଖି ଆଗରେ ରଖି ସମସ୍ତ ମହାନାଳ, ଡ୍ରେନ ସଫା ପାଇଁ ସ୍ଥାନୀୟ ନେତୃତ୍ୱ ଏବଂ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଶେଷରେ ମାନସିଂବଜାର ଅଞ୍ଚଳ ଦେଇ ଯାଉଥିବା ପିଡ଼ବ୍ଲ୍ୟୁଡ଼ି ରାସ୍ତା ଏବଂ ତତ୍‌ସଂଲଗ୍ନ ଡ୍ରେନ୍ କାର୍ଯ୍ୟକୁ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ପିଡ଼ବ୍ଲ୍ୟୁଡ଼ି ବିଭାଗ ଯନ୍ତ୍ରୀ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅଞ୍ଚଳବାସୀଙ୍କ ସହ ବୁଲି ଦେଖିଛନ୍ତି ବିଧାୟକ ଦାସ। କାର୍ଯ୍ୟକ୍ରମରେ ପୂର୍ବତନ ପୌର ଉପନଗରପାଳ ମନୋଜ ରାଉତ, ରାଜ୍ୟ ବିଜେଡି ଯୁବ ସମ୍ପାଦକ ସତ୍ୟରଞ୍ଜନ ଦାସ, ୱାର୍ଡ଼ କାଉନସିଲର ରୋଜାଲିନ ପାଣି, ମିତା ପଟ୍ଟନାୟକ, ଯୁବନେତା ସରୋଜ କୁମାର ବିଶ୍ୱାଳ, ବିଦ୍ୟାଧର ଆଚାର୍ଯ୍ୟ ଓ ପଙ୍କଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ସ୍ୱରୂପ କୁମାର ଦାସ ପଚାରି ବୁଝୁଛନ୍ତି ।

## ମୁରଲୀ ଥିଲେ ଜଣେ ସରଳ ମିଷ୍ଟଭାଷୀ ମଣିଷ

ଖଇରା, ୧୫।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଶିଷ୍ଟ ଚିତ୍ରକର ତଥା ଖବରଦାତା ମୁରଲୀଧର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ବଟେଶ୍ୱର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଖଇରା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ଉତ୍କଳବନ୍ଧୁ ପଣ୍ଡା ପୌରୋହିତ୍ୟ କରିଥିଲେ। ସମ୍ପାଦକ ବଳରାମ ଲେଙ୍କା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଯୋଗଦେଇ ମୁରଲୀ ଦାସ ଜଣେ ସାହସୀ ଖବରଦାତା ଏବଂ ଚିତ୍ରକର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କହିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ, ସନ୍ତୋଷ ଶତପଥି, ସରପଞ୍ଚ ଆରତି ମହାନ୍ତି, ରମାକାନ୍ତ ମହାରଣା, ଶୁକଦେବ ପଣ୍ଡା ପ୍ରମୁଖ ସ୍ୱର୍ଗତ ସାମ୍ବାଦିକ ଜଣେ ମିଷ୍ଟଭାଷୀ ଓ ସରଳ ସ୍ୱଭାବର ମଣିଷ ଥିଲେ ବୋଲି କହିଥିଲେ। ଖବରଦାତା ସଞ୍ଜୟ କୁମାର ବେହେରା, ନିଶିକାନ୍ତ ମହାନ୍ତି, ଦୟାନିଧି ମହାପାତ୍ର, କିଶୋର ବେହେରା, ତପୋଧନ ବାରିକ ଓ ଛୟାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମନଗରରେ ପ୍ରେମପଖାଳ ମହୋତ୍ସବ

ଭଦ୍ରକ ଅଫିସ, ୧୫।୫

ଭଦ୍ରକ ଜିଲା ଆରଡ଼ି ଛକସ୍ଥିତ ପ୍ରେମନଗରରେ 'ପ୍ରେମପୃଥିବୀ' ପତ୍ରିକା ପକ୍ଷରୁ ରବିବାର ବନ୍ଧୁମିଳନ ଓ ପ୍ରେମପଖାଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର କଲେଜ ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଅଧାପକ ବିଶ୍ୱରଞ୍ଜନ, ମୁଖ୍ୟବକ୍ତା ପ୍ରଫେସର ଆଦିକନ୍ଦ ସାହୁ, ଅନ୍ୟତମ ଅତିଥି ଭାବେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ମଧୁସୂଦନ ଦାଶ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ, ସୁଲେଖିକା ବନଜ ଦେବୀ ଏବଂ ପୂର୍ବତଟ ରେଳପଥ ବରିଷ୍ଠ ଜନସମ୍ପର୍କ ଅଧିକାରୀ କବି ନିରାକାର ଦାସ ଯୋଗ ଦେଇଥିଲେ। ପ୍ରଫେସର ଡ. ଆଦିକନ୍ଦ ସାହୁ ଓ ବନଜ ଦେବୀଙ୍କୁ ପ୍ରେମପୁରୁଷ ଓ ପ୍ରେମପ୍ରକୃତି ସମ୍ମାନ, ଡ. ସୁରେଶ ଛୋଟରାୟ ଓ ପଲ୍ଲବୀ ନାୟକଙ୍କୁ ଯଥାକ୍ରମେ ପ୍ରେମପୃଥିବୀ କଥା ଓ କବିତା ସମ୍ମାନ ଦିଆଯାଇଥିଲା। ମାନପତ୍ର ପାଠ କରିଥିଲେ ଅଭିଜିତ୍ ନାୟକ, କିଶୋର ପାଣିଗ୍ରାହୀ, ଡ. ମମତା ସାହୁ ଓ ଯୋଗ୍ୟାଶ୍ରୀ ସାମଲ। ପ୍ରେମପୃଥିବୀର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। 'ପ୍ରେମପୃଥିବୀ'ର ବିଷୁବ ସଂଖ୍ୟା, 'ପ୍ରେମ ପୃଥିବୀର ପ୍ରବନ୍ଧ ପ୍ରବାହ', ଶ୍ରୀନିବାସ ସାହୁଙ୍କ ମନ୍ଦିର ପାଖ ଚମ୍ପାଗଛ, ବାବାଜୀ ଚରଣ ପଣ୍ଡାଙ୍କ 'ତୀର୍ଥ ଭାରତ', ଅଶୋକ ନାୟକଙ୍କ 'ଏକପଦୀ ଗଜରା' ଓ 'ପଲ୍ଲବୀ ନାୟକଙ୍କ ଯେତେସବୁ ଅ କବିତା' ଲୋକାର୍ପଣ କରାଯାଇଥିଲା। ବୈକୁଣ୍ଠନାଥ ବିଶ୍ୱାଳ ସଭାର ଶେଷସ୍ପର୍ଶ ଦେଇଥିଲେ। କବି ସାରଥୀ ପଣ୍ଡା ଓ ଖବରଦାତା ଅବିନାଶ ପଣ୍ଡା ଅନୁଷ୍ଠିତ କବିତା ପାଠୋତ୍ସବର ପରିଚାଳନା କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଅଭିଭାବକ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ବୈଠକରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୧୫।୫

ଚଳିତ ଶିକ୍ଷାବର୍ଷରେ +୨ ବିଜ୍ଞାନ ଓ କଳା ବିଭାଗରେ ନାମ ଲେଖାଇବା ନିମନ୍ତେ ମୟୂରଭଞ୍ଜ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ପଡ଼ୋଶୀ ଜିଲାରୁ ପ୍ରାୟ ୪୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସାଇ ବିଦ୍ୟାମନ୍ଦିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମହାପ୍ରବନ୍ଧକ ଇଂ. ପ୍ରଭଞ୍ଜନ ରାଉତ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଗଢ଼ିବାରେ ଅଭିଭାବକ ଓ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଭାଜପାର ମିଶ୍ରଣ ପର୍ବ

ବାସୁଦେବପୁର, ୧୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ସ୍ନେହା ରେସିଡେନ୍ସ ପରିସରରେ ଶନିବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣପର୍ବରେ ପୌରପାଳିକା ଅଞ୍ଚଳର ଯୁବନେତା ଗୌରକୃଷ୍ଣ ମହାକୁଡ଼ ଓ ତାଙ୍କ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନଗର ସଭାପତି ତାଜୁ ଖାଁଙ୍କ ସହ ଯୁବନେତାମାନେ ଉପସ୍ଥିତ ଥିଲେ।

## ସରିଲା ୟୁଥ୍ ଫେଷ୍ଟ

ନୀଳଗିରି, ୧୫।୫(ସ୍ୱ.ପ୍ର.)

ନୀଳଗିରିୟଥ୍‌ଫେଷ୍ଟ ଆସୋସିଏଶନ ପକ୍ଷରୁ ୩ଦିନ ଧରି ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁଥ୍ ଫେଷ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ି ହିଁ ସୁସ୍ଥ ସମାଜ ଗଠନର ଦର୍ପଣ ସଦୃଶ ବୋଲି କହିଥିଲେ। ହରିଉଦ୍ୟୋଗର ପରିଚାଳକ ସଂଗ୍ରାମ ଦାସ ୟୁଥ୍ ଫେଷ୍ଟ ମହୋତ୍ସବର ଏପରି ନିଆରା ପରମ୍ପରାକୁ ପ୍ରଶଂସା କରିଥିଲେ। ସେହିପରି ଜେ.ଏସ.ପି. କମ୍ପାନୀର ଭାଇସ ପ୍ରେସିଡେଣ୍ଟ ଅସିତ କୁମାର ପାତ୍ର ଯୋଗଦେଇ ଯୁବପୀଢ଼ିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଡା. ପ୍ରତାପ ରଥଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସତ୍ୟଜିତ, ପ୍ରଜ୍ଞା, ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ପୁରୀର ମାଲଖମ୍ବ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସଦସ୍ୟ ତାପସ କୁମାର ପରିଡ଼ା, ସବ୍ୟସାଚୀ ମହାପାତ୍ର, ନଟୁ ସରକାର, ରମେଶ ରାଉତ, କୁମାର ରାୟ, ପ୍ରଦୀପ ଦାସ, ଗୟାଧର ବେହେରା, ଚିନ୍ମୟୀ ବାବୁ, ରଶ୍ମିରଂଜନ ରାଉତ, ବିସ୍ମୟ ମଲିକ, ମନୋରଞ୍ଜନଦାସବାବୁ, ବିଶ୍ୱରଞ୍ଜନମହାନ୍ତି, ମହେଶ୍ୱର ଖୁଣ୍ଟିଆଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ମଳଦ୍ୱାରଜନିତ ରୋଗୀଙ୍କ ଲାଗି ଲେଜର ଅପରେଶନ ସୁବିଧା




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ, ୧୫।୫

ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ହସ୍‌ପିଟାଲର ସର୍ଜରୀ ବିଭାଗରେ ମଳଦ୍ୱାରଜନିତ ରୋଗୀଙ୍କ ଲାଗି ଲେଜର ଅପରେଶନ ସୁବିଧା ଉପଲବ୍ଧ ହୋଇଥିଲା। ଏନେଇ ରବିବାର ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଭାରତୀୟ ଶଲ୍ୟ ଚିକିତ୍ସକ ସଂଘ (ଏସ୍‌ଆଇ), ଓଡ଼ିଶା ଶାଖାର ପ୍ରୋତ୍ସାହନରେ ସର୍ଜରୀ ବିଭାଗର ମୁଖ୍ୟ ଡା. ସୁଶୀଲ କୁମାର ପଟ୍ଟନାୟକ ଏବଂ ସର୍ଜରୀ ସ୍ପେଶାଲିଷ୍ଟ ଡା. ସରୋଜ ରାଜଙ୍କ ଉଦ୍ୟମରେ କୋଲକାତାର ଲେଜର ସର୍ଜନ ଡା. କଲ୍ୟାଣ କରଙ୍କ ତତ୍ତ୍ୱାବଧାନରେ ମଳଦ୍ୱାରଜନିତ ରୋଗୀଙ୍କ ଲେଜର ଅସ୍ତ୍ରୋପଚାର କରାଯାଇଥିଲା।

ଡା. ପଟ୍ଟନାୟକ ଓ ଡା. ରାଜଙ୍କ ବ୍ୟତୀତ ଆସୋସିଏଶନର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ବନବିହାରୀ ମିଶ୍ର, ଓଡ଼ିଶା ଶାଖାର ସଭାପତି ଡା. ପ୍ରତାପ ରଥ, ଉପସଭାପତି ଡା. ଗୋପବନ୍ଧୁ ବଳ, ସମ୍ପାଦକ ଡା. ସୁଧାଂଶୁ ସୂତାର ଏବଂ କୋଲକାତାର ଲେଜର ସର୍ଜନ ଡା. କଲ୍ୟାଣ କର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଉତ୍ସବ ପରେ ମଳଦ୍ୱାର ସମ୍ବନ୍ଧିତ ବିଭିନ୍ନ ରୋଗ ଏବଂ ଲେଜର ସହାୟତାରେ ତାର ଚିକିତ୍ସା ବିଷୟରେ ସର୍ଜରୀ ଆସୋସିଏଟ୍ ପ୍ରଫେସର ଡା. ନିରଞ୍ଜନ ସାହୁ ଏବଂ ଡା. କଲ୍ୟାଣ କର ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏହାପରେ ସର୍ଜରୀ ବିଭାଗର ଅପରେଶନ ଗୃହରେ ଲେଜର ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ୬ଜଣ ଅର୍ଶ, ଭଗନ୍ଦର, ମଳକଣ୍ଟକ ଓ ପାଇଲୋନିଡାଲ ସାଇନସ୍‌ରେ ପୀଡ଼ିତ ରୋଗୀ ଉପକୃତ ହୋଇଥିଲେ ଏବଂ ଏହାର ସିଧା ପ୍ରସାରଣ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସର୍ଜନମାନେ ଏହି ଉନ୍ନତଧରଣର ଚିକିତ୍ସା ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଆହରଣ କରିଥିଲେ।

### ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ

## ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ

- ପଲିଥିନ ତଳେ ଜୀବନ ବିତାଉଛନ୍ତି ଦମ୍ପତି
- ବିଜୁଳି ବି ସାତସପନ

ଆରଡ଼ି,୧୫।୫(ଡି.ଏନ.ଏ.)

ସରକାରଙ୍କ ମୋ କୁଡ଼ିଆ, ବିଜୁ ପକ୍କାଘର, ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏଠି ପହଞ୍ଚିପାରି ନାହିଁ। ଘରଡିହ ୧ ଡିସିମିଲରୁ କମ୍ ହୋଇଥିଲେ ବି ବସୁନ୍ଧରା ଯୋଜନା ଫିକା ପଡ଼ିଛି। ସବୁଦିନ ପର ଘରେ ମୂଲ ଲାଗୁଥିଲେ ବି ଲେବର କାର୍ଡଟିଏ ନାହିଁ। ଘରେ ଘରେ ବିଜୁଳି ଜଳିବା ପାଇଁ ଥିବା ରାଜୀବ ଜ୍ୟୋତି ଯୋଜନା ବି ଡିବିରିକୁ ଲିଭାଇ ପାରୁନି। ସବୁ ନାହିଁ ନାହିଁ ଭିତରେ ଜୀବନ ବିତାଉଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତ ସାନ ଓଳଗ ଗାଁର ଦମ୍ପତି ରୁଗା ଜେନା ଓ ତାଙ୍କ ସ୍ତ୍ରୀ କମଳା ଜେନା।

୫ ବର୍ଷ ତଳେ ବାତ୍ୟାରେ ସେମାନଙ୍କ ଝାଟିମାଟି ଘର ଭାଙ୍ଗିଯାଇଥିଲା। ଘରଭଙ୍ଗା ସାହାଯ୍ୟ ତ ମିଳିଲା ନାହିଁ, ମୁଣ୍ଡ ଗୁଞ୍ଜିବାକୁ ପଲିଥିନ ଖଣ୍ଡେ ବି କେହି ଦେଲେନାହିଁ। ଭାଗ୍ୟକୁ ଆଦରି ନିଜ ମୂଲ ଲଗା ଟଙ୍କାରେ ପଲିଥିନ କିଣି କୁଡ଼ିଆ ଖଣ୍ଡେ ତିଆରି କରି ରହୁଛନ୍ତି ଏହି ଦମ୍ପତି। ବର୍ଷାଦିନେ ସନ୍ତସନ୍ତିଆ ଘରେ ସାପ ଭୟ, ଶୀତଦିନେ ଦୁଆରେ ଦିଆଯାଇଥିବା ବରଡ଼ାପତ୍ର ତାଟିକୁ ଭେଦ କରି ବହିଆସୁଥିବା ଶୀତ ଲହରୀ ଆଉ ଖରାଦିନେ ଅସହ୍ୟ ତାତି ସାଙ୍ଗକୁ ଗୁଲୁଗୁଲିରେ ମଧ୍ୟ ଏହି କୁଡ଼ିଆରେ ଏମାନଙ୍କ ଦିନ କଟିଥାଏ। ପଲିଥିନରେ ତିଆରି ହୋଇଥିବା ଉକ୍ତ ଘରେ ଛିଡ଼ା ହେଲେ ମୁଣ୍ଡ ବାଜିବ। ଘର ଭିତରକୁ ଆଣ୍ଠେଇ ଆଣ୍ଠେଇ ଯିବାକୁ ପଡ଼ିଥାଏ। ସରକାରୀ ଯୋଜନାରେ ଏହି ଦମ୍ପତିଙ୍କୁ ନା ଘର ଖଣ୍ଡେ ଯୋଗାଇ ଦିଆଯାଇଛି ନା ପାଇଖାନା। ମୌଳିକ ସୁବିଧାରୁ ବଞ୍ଚିତ ଏହି ପରିବାର ପ୍ରତି ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ନଜର ପଡୁନି। ସରକାରଙ୍କ ପକ୍ଷରୁ ଏହି ଦମ୍ପତିଙ୍କୁ ତୁରନ୍ତ ଆବାସ ଯୋଗାଇ ଦେବାକୁ ବିଭିନ୍ନ ସାମାଜିକ ସଙ୍ଗଠନ ଦାବି କରିଛନ୍ତି। ଦୁଇମାସ ଭିତରେ ମୌଳିକ ଆବଶ୍ୟକତା ଯୋଗାଇ ଦିଆ ନ ଗଲେ ଏହି ପରିବାର ମାନବିକ ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ସଙ୍ଗଠନର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ବେହେରା କହିଛନ୍ତି, ତାଲିକାରେ ଏହି ଦମ୍ପତିଙ୍କ ନାଁରେ ଥିଲେ ଯଥାଶୀଘ୍ର ଆବାସ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ। ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାଶଙ୍କୁ ପଚାରିବାରୁ ଅନୁଧ୍ୟାନ କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ପଲିଥିନ କୁଡ଼ିଆ ଆଗରେ ରୁଗା ଜେନା ଛିଡ଼ା ହୋଇଛନ୍ତି।

